Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

ସପ୍ତାହ –୧୫

ନ.- ୪୦୨ (ଓଡିଆ ବୁଲେଟିନ)
ତାରିଖ- ୦୯.୦୪.୨୦୨୪

**(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

## ବିଶେଷ ସୂଚନା

- **ମୁଗ, ବିରି, ଚିନାବାଦାମ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ନିଅନ୍ତୁ ଓ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ ।**
- **ପନିପରିବା ଚାରା କୁ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ ।**
- ଅମଳ ଉପଯୋଗୀ ପନିପରିବା କୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ ।
- ଧାନ ରେ କେଣ୍ଟାକାଟା ପୋକ ଦେଖାଦେଲେ **Quinalphos** ୨୫ EC ୪୦୦ ମିଲି କିମ୍ବା **Chlorpyriphos** 20EC ଏକର ପ୍ରତି ୨୦୦ ଲିଟର ପାଣି ରେ ମିଶାଇ ସକାଳ ସମୟରେ ଧାନ ଗଛ ମୂଳ ରେ ସିଂଚନ କରନ୍ତୁ ।
- ଯେଉଁ ଜମି ରେ ମାଟି ର ଅଦ୍ରତା ଅଛି ସେଠାରେ ପ୍ରଥମ ଖରାଟିଆ ଚାଷ କରି ଦିଅନ୍ତୁ ।
- ବାଦାମି ଗୁଣ୍ଡି ପୋକ ଗୁଡିକ ର ପରିଚାଳନା ପାଇଁ ଅଧିକ ଜବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ସୂର୍ଯାଲୋକ ଏବଂ ବାୟୁଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ ଫୁଟ ବ୍ୟବଧାନ ରେ ପାହି କରନ୍ତୁ ।
- ଅମଳ ହୋଇଥିବା ମୁଗ ଏବିଂ ବରି କୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗା କୁ ଭଲ ଭାବରେ ସଫା କରନ୍ତୁ ।
- ଅମଳ ସମୟ ରେ ଚୀନାବାଦାମ ମଞ୍ଜିରେ ଜଳୀୟ ଅଂଶ ୪୦ ରୁ ୫୦ ଶତକଡା ରହିଥାଏ । ତେଣୁ ଖରା ରେ କିଛି ଦିନି ଶୁଖାଇ ଜଳୀୟ ଅଂଶ ଶତକଡା ୧୦ ଭାଗ ରଖାଯାଏ।

### □ାନ(ଡାଲୁଅ):

**ଗନ୍ଧି ପୋକ ବା ଛଗୋଡିଆ ପୋକ**

ଧାନ ଫସଲ ରେ ଗନ୍ଧି ପୋକ ବା ଛଗୋଡିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି **Chlorpyriphos** ନାମକ କୀଟନାଶକ କିମ୍ବା ୪୦୦-ମିଲି **Malathion** ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ବଦଳରେ ଏକର ପ୍ରତି ୧୦-କି.ଗ୍ରା. **Chlorpyriphos** କିମ୍ବା **Malathion** ଗୁଣ୍ଡ କୁ ସମାନ ଭାବରେ ସକାଳ ସମୟରେ ପବନ ହେଉନଥିବା ସମୟରେ ଫସଲ ଉପରେ ଡଷ୍ଟର ଦ୍ୱାରା ପ୍ରୟୋଗ କରନ୍ତୁ ।

**ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ □ଳା ପିଠିଆ ଗଛ ଡିଆଁ ପୋକ**

ବର୍ତ୍ତମାନ ସମୟରେ ଅଧିକ ତାପମାତ୍ରା ଓ ମଝିରେ ମଝିରେ କାଳ ବୈଶାଖୀ ବର୍ଷା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆଁ ପୋକ ଲାଗିବାର ସମ୍ଭାବନା ଅଛି। ପ୍ରାଥମିକ ଅବସ୍ଥା ରେ ବୁଦା ପ୍ରତି ୫ ରୁ ୧୦ ଟି ପୋକ ଦେଖାଗଲେ ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ, ୧୫୦୦**ppm Azadirachtin** କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟ ରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୧୨୦-ଗ୍ରାମ **Pymetrozine** ନାମକ କୀଟନାଶକ କିମ୍ବା ୮୦-ଗ୍ରାମ **Dinotefuran** ନାମକ କୀଟନାଶକ କିମ୍ବା ୬୦-ଗ୍ରାମ **Flonicamid** ନାମକ କିମ୍ବା ୧୦୦-ମିଲି **Triflumezopyrim** ନାମକ କୀଟନାଶକ ୨୦୦ - ଲିଟର ପାଣିରେ ମିଶାଇ ବୁଦା ମୂଳ କୁ ଲକ୍ଷ କରି ସିଞ୍ଚନ କରନ୍ତୁ। ମାଟିଆ ଗୁଣ୍ଡି ପୋକ ବା ଚକଡା ପୋକ ପାଇଁ ଅନୁମୋଦିତ ୨ କୀଟନାଶକ ମଧ୍ୟରୁ ଯେଉଟା ବି ଗୋଟିଏ କୁ ବାରମ୍ବାର ବ୍ୟବହାର ନ କରି ସଠିକ ମାତ୍ରା ରେ ଅଦଳ ବଦଳ କରି ବ୍ୟବହାର କରନ୍ତୁ ।

**ବିରି ଓ ମୁଗ:**

**ଳୁଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ**

**ପୋକ ଗୁଡିକ ଗୋଟିଏ କିଆରି ରୁ ଅନ୍ୟ କିଆରି କୁ ନ ଯିବା ପାଇଁ ହିଡ ରେ ଏକର ପ୍ରତି ୧୦-କିଲୋଗ୍ରାମ Chlorpyriphos ଗୁଣ୍ଡ କୀଟନାଶକ ପ୍ରୟୋଗ କରନ୍ତୁ । ଏହି ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Novaluron ଓ Indoxacarb ର ମିଳିତ କୀଟନାଶକ କିମ୍ବା ୩୦୦- ମିଲି Lambda Cyhalothrin ନାମକ କୀଟନାଶକ କିମ୍ବା ୧୨୦-ଗ୍ରାମ Flubendiamide ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।**

**ଚିନାବାଦାମ:**

**ଅମଳ ପରବର୍ତୀ ଯତ୍ନ**

ଅମଳ ପରେ ଚିନାବାଦାମ କୁ ପଲିଥିନ ଯୁକ୍ତ ବସ୍ତା ରେ ସାଇତି ରଖନ୍ତୁ। ପଲିଥିନ ଯୁକ୍ତ ବସ୍ତା ଭିତର କୁ ବାହାର ର ଆର୍ଦ୍ରତା ସହଜରେ ପଶି ପାରେ ନାହିଁ । ୩୦-କିଲୋଗ୍ରାମ ବିହନ ପାଇଁ ୨୫୦-ଗ୍ରାମ କାଲସିଅମ କ୍ଲୋରାଇଡ, ବସ୍ତା ଅନୁଯାଇ ଗୋଟିଏ ପ୍ଲାଷ୍ଟିକ ଡବା ରେ କନା ରେ ଝୁଲାଇ ଡବା ମୁହଁ ବନ୍ଦ କରି ବସ୍ତା ମଝିରେ ରଖନ୍ତୁ । ଡବା ଭିତର କୁ ବାୟୁପ୍ରବେଶ କରିବା ପାଇଁ ମୋଟା ଛୁଞ୍ଚି ଡବାର ଉପରି ଭାଗରେ କେତୋଟି କଣା କରନ୍ତୁ । ବସ୍ତା ର ମୁହଁ ବାନ୍ଧି ବସ୍ତା ଟିକୁ ସିଧା ଭାବରେ ବାୟୁ ଚଳାଚଳ କରୁଥିବା ଘରେ ସାଇତି ରଖିଲେ ବାଦାମ ର ଗଜା ଶକ୍ତି ୮-୧୦ ମାସ ପର୍ଯ୍ୟନ୍ତ ସୁରକ୍ଷିତ ରହେ ।

**ଆଖୁ**

**ଘାସୁଆ ରୁଗୁଡ଼ିଆ ରୋଗ**

**ଘାସୁଆ ରୁଗୁଡ଼ିଆ ରୋଗର ପରିଚାଳନା ପାଇଁ ରୋଗ ବିହୀନ ଆଖୁ ବିହନ ଲଗାନ୍ତୁ । ଆକ୍ରାନ୍ତ ଗଛ କୁ ଓପାଡି ଦୂରରେ ପୋଡି ନଷ୍ଟ କରି ଦିଅନ୍ତୁ । ଏହି ରୋଗ ର ବାହକ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦ ମି .ଲି.Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।**

**ବାଇଗଣ/ବିଲାତି ବାଇଗଣ:**

**ଧଳା ମାଛି**

ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଆଠା ଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାଯନିକ ଉପାୟରେ ଟମାଟୋ ଫସଲରେ ଧଳା ମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

**କଖାରୁ ଜାତୀୟ ପନିପରିବା:**

**ନିମ୍ନମୁଖୀ ପତ୍ରପୋଡା ରୋଗ**

**ଏହି ରୋଗ ର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୩-ଗ୍ରାମ Copper Hydroxide ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣି ରେ ୩-ଗ୍ରାମ Fosetyl -AL ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣି ରେ ୨-ଗ୍ରାମ Carbendazim ଏବଂ Mancozeb ର ମିଳିତ ଫିମ୍ପିନାଶକ, ମିଶାଇ ସିଂଚନ କରନ୍ତୁ ।**

**ଭେଣ୍ଡି**

- **ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛି ର ନିୟନ୍ତ୍ରଣ ନିହାତି ଜରୁରୀ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୋକ ର ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ, ୨୦୦- ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।**
- **ଭେଣ୍ଡି ଫସଲରେ ଧଳାମାଛିର ପ୍ରାଦୁର୍ଭାବ କମ କରିବା ପାଇଁ ବିହନ ବୁଣିବା ପୂର୍ବ ରୁ ପ୍ରତି କିଲୋଗ୍ରାମ ବିହନ ରେ ୭-ଗ୍ରାମ**

Imidacloprid ନାମକ କୀଟନାଶକ ମିଶାଇ ବିଶୋ▫ନ କରନ୍ତୁ। ଗଛ ୨-୩ ପତ୍ର ହେବା ଅବସ୍ଥା ରୁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ ।

**ପୋଟଳ**

ପୋଟଳ ଗଛ ବର୍ତ୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥା ରେ । ବର୍ତ୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ଵାରା ଫଳ ସି▫ାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ ।

**ପିଆଜ**

ପିଆଜ ର ଅମଳ ପରେ ବେକ ଉପରୁ ୨.୫ ସେ.ମି ରଖି ଅଗ ଏବଂ ସମୁଦାୟ ଚେର କାଟି ଦିଅନ୍ତୁ । ଭଲ ପବନ ବାଜୁଥିବା ସିମେଣ୍ଟ ଚଟାଣ କୋଠରୀ ରେ ପିଆଜ କୁ ଶୁଖାଇ ମଝିରେ ମଝିରେ ଓଲଟପାଲଟ କଲେ ପିଆଜ ଶୀଘ୍ର ଶୁଖି ଯାଇଥାଏ। ଭଲ ଭାବରେ ଶୁଖିଥିଲେ ଏବଂ ଠିକ ସମୟ ରେ ଅମଳ ହୋଇଥିବା ପିଆଜ କୁ ଅଧିକ ଦିନ ସାଇତି ରଖି ହୁଏ।

**ଲଙ୍କା**

ଫଳ ପଚା ଓ ଆଗ ମରା ରୋଗ

ଲଙ୍କାମରିଚ ଫସଲ ରେ ଫଳ ପଚା ଓ ଆଗ ମରା ରୋଗ ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ୭୦ % WP କିମ୍ବା ୧୦୦ ମିଲି Difenoconazole ୨୫ % EC କିମ୍ବା ୧୦୦ ମିଲି Azoxystrobin ୨୩ % SC, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ପ୍ରଥମ ଫିମ୍ପିନାଶକ ଫୁଲ ଆସିବା ପୂର୍ବରୁ ଓ ଦ୍ବିତୀୟ ଟି ଫଳ ଆସିବା ପରେ ସିଂଚନ କରନ୍ତୁ ।

**କଦଳୀ:**

ପତ୍ରଦାଗ ବା ସିଗାଟୋକା ରୋଗ

କଦଳୀ ରେ ପତ୍ରଦାଗ ବା ସିଗାଟୋକା ରୋଗ ର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୧୦-ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩୦ ଗ୍ରାମ chlorothalonil ନାମକ ଫିମ୍ପିନାଶକ, ମିଶାଇ ଗଛ ଲଗାଇବାର ୪ ମାସ ପରେ ୧ ମାସ ଅନ୍ତରରେ ଦୁଇ ରୁ ତିନି ଥର ସିଂଚନ କରନ୍ତୁ ।

**ଆମ୍ବ:**

ଆମ୍ବ ଡାହାଣୀ ପୋକ

ଆମ୍ବ ଡାହାଣୀ ପୋକ ର ନିୟନ୍ତ୍ରଣ ପାଇଁ Imidacloprid ୧୭.୮ % SL @ ୫ ମିଲି କିମ୍ବା Thiamethoxam ୨୫% W.G @ ୩ ଗ୍ରାମ କିମ୍ବା Acetamiprid ୨୦% S.P. @ ୪ ଗ୍ରାମ ୧୫ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଆମ୍ବ ଗଛ ମୂଳ ରେ ▫ୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା କମି ଯାଇଥାଏ ।

**ପଶୁ ସମ୍ପଦ**

**ପ୍ରାଣୀ ମାନଙ୍କ ଗୃହ ପରିଚାଳନା**

ଅଧିକ ଗରମ କାରଣ ରୁ ପ୍ରାଣୀ ମାନଙ୍କ ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅବସ୍ଥା ରେ ସୁ▫ାର ନ ଆସିଲେ ପ୍ରାଣୀ ମାନେ ମୃତ୍ୟୁ ବରଣ ମଧ କରିପାରନ୍ତି । ଦିନବେଳା ଖରା ଅଧିକା ହେଲେ ପ୍ରାଣୀ ମାନଙ୍କୁ ଗୁହାଳ ରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ। ଗୁହାଳ ର ଛପର ଟିଣ ବା ଆୟବେଶଟୋସ ର ହୋଇଥିଲେ ତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ଜୋର ରେ ଖରା ହେଉଥିଲେ ଗୁହାଳର ଖୋଲା ଥିବା ଜାଗା ଗୁଡିକ ରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ▫ଳା ରଙ୍ଗର ଚୂନର ଲେପନ ଦିଅନ୍ତୁ । ଅଧିକ ଉତ୍ପାଦନ କ୍ଷମ ପ୍ରାଣୀ ରଖିଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମାଇ ପାରୁଥିବା ଉପକରଣ ଲଗାଇବା ର ବ୍ୟବସ୍ଥା କରାଯିବା ଦରକାର। ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡ ରେ ବରଫ ଘସନ୍ତୁ, ଓଦା କପଡା ବା ଅଖା ରଖନ୍ତୁ ।

**କୁକୁଡା ଓ ବତକ ମାନଙ୍କ ଗୃହ ପରିଚାଳନା**

ଖରା ଦାଉରୁ କୁକୁଡା ଓ ବତକ ମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁ ବରଣ କରିଥାନ୍ତି । ଖରା ଦାଉ ରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେ ଯେପରି ଘର ଭିତର କୁ

ସି□। ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ,ଘର ର ଛପର ଉଚ୍ଚା ଓ ପାର୍ଶ୍ଵ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡାନ୍ତୁ ଓ ଦିନ ବେଳା ପାଣି ଛିଞ୍ଚନ୍ତୁ। କୁକୁଡା ଓ ବତକ ମାନଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶି ଓଦା ନ ହୁଏ। ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗୀ ଦେଲେ ଘର ଥଣ୍ଡା ରହିଥାଏ। ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ □ାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ ।

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)